# NATIONAL NEWS BULLETIN (ODIA)

**24 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ପ୍ରଚାର

– ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିଥିବା କହିଛନ୍ତି ବରିଷ୍ଠ ବିଜେପି ନେତା ଅମିତ ଶାହା

- ମହିଳାଙ୍କ ଇଚ୍ଛାବିରୁଦ୍ଧରେ ଗର୍ଭଧାରଣ ଜାରି ରଖିବାକୁ ବାଧ୍ୟ କରିପାରିବେ ନାହିଁ ଅଦାଲତ, କହିଲେ ସୁପ୍ରିମକୋର୍ଟ

- ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ରମନ୍ତ୍ରୀ

- ୨୦୨୫-୨୬ ଆର୍ଥିକବର୍ଷରେ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୭ ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି ସରକାର

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍

---

**ଡବ୍ଲୁବି-କ୍ୟାମ୍ପେନିଂ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ପ୍ରଚାରକାର୍ଯ୍ୟ ଚାଲିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର କରୁଛନ୍ତି । ଆଜି ସକାଳେ ସେ ଦମ୍‌ଦମ୍‌ଠାରେ ଏକ ଜନସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି

**V/O**

ବାରୁଇପୁରଠାରେ ଏକ ନିର୍ବାଚନ ସଭାରେ ମଧ୍ୟ ସେ ଯୋଗଦେବେ । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି କୋନାଗର ଏବଂ ହିଙ୍ଗାଲଗଞ୍ଜ ନିକଟ ଲେବୁଖାଲି ମଇଦାନରେ ଏକ ଜନସଭାକୁ ଉଦ୍‌ବୋଧନ ଦେବେ । ଜଗଦଲ ବିଧାନସଭା କ୍ଷେତ୍ରରେ ଏକ ରୋଡ୍ ଶୋ'ରେ ଶ୍ରୀ ଶାହାଙ୍କର ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଜି ଭବାନୀପୁରରେ ନିର୍ବାଚନ ପ୍ରଚାର କରୁଥିଲାବେଳେ ଦଳୀୟ ସାଧାରଣ ସଚିବ ଅଭିଷେକ ବାନାର୍ଜୀ ହାଓଡ଼ା ଓ ଦକ୍ଷିଣ ୨୪ ପ୍ରଗଣାରେ କେତେଗୁଡ଼ିଏ ସଭାରେ ଯୋଗଦେବେ ।

---

# ଶାହା- ଡବ୍ଲୁବି

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ତାଙ୍କ ଦଳ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ବହୁତ ଭଲ ପ୍ରଦର୍ଶନ କରିଛି । କୋଲକାତାର ନିଉ ଟାଉନ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ତାଙ୍କ ଦଳ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିବା ୧୫୨ଟି ଆସନରୁ ୧୧୦ଟିରୁ ଅଧିକ ଆସନରେ

ଜିତିବାର ସମ୍ଭାବନା ରହିଛି । ପ୍ରଥମ ପର୍ଯ୍ୟାୟରେ  ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା କରିଥିବାରୁ  ସେ ନିର୍ବାଚନ କମିଶନ ଓ ନିରାପତ୍ତା ବାହିନୀକୁ ପ୍ରଶଂସା କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଗାଦିଚ୍ୟୁତ ହେବା ନିଶ୍ଚିତ ଏବଂ ଭାରତୀୟ ଜନତା ପାର୍ଟି ପୂର୍ଣ୍ଣ ବହୁମତ ସହ ସରକାର ଗଠନ କରିବ । **V/O**

ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାରୁ ମତଦାତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଗଣତନ୍ତ୍ର ପାଇଁ ଶୁଭ ସୂଚନା ବୋଲି ଶ୍ରୀ ଶାହା କହିଛନ୍ତି ।

## ଏସ୍‌ସି-ଡବ୍ଲୁବି ଏସ୍‌ଆଇଆର୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ତାଲିକାଭୁକ୍ତ କେତେଜଣ ବ୍ୟକ୍ତିବିଶେଷ ଭୋଟର ତାଲିକାରେ ସେମାନଙ୍କ ନାମ ନଥିବା ନେଇ ଦାଖଲ କରିଥିବା  ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନିମନ୍ତେ ଗଠିତ ଟ୍ରିବ୍ୟୁନାଲ୍‌ରେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି ।

## ଏଗ୍ରିକଲଚରାଲ୍ କନ୍‌ଫରେନ୍ସ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆଜି ଲକ୍ଷ୍ନୌରେ ଉତ୍ତର କ୍ଷେତ୍ର କୃଷି ସମ୍ମିଳନୀ ଆୟୋଜନ କରୁଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମ କୃଷି କ୍ଷେତ୍ରରେ ନବସୃଜନ, ନୂତନ

ପ୍ରଯୁକ୍ତିବିଦ୍ୟା ଏବଂ ବଜାର ସଂଯୋଗିକରଣ ପାଇଁ ଏକ ମଞ୍ଚ ସାବ୍ୟସ୍ତ ହେବ। ସମ୍ମିଳନୀରେ ନକଲି କୀଟନାଶକ ଏବଂ ସାର ନିୟନ୍ତ୍ରଣ, ସାରର କଳାବଜାରୀ ରୋକିବା, ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ସନ୍ତୁଳିତ ବ୍ୟବହାରକୁ ଉତ୍ସାହିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

---

# ଏସ୍‌ସି-ପ୍ରେଗ୍ନେସି

କୌଣସି ମହିଳା ବିଶେଷକରି ନାବାଳିକାଙ୍କୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ  ଗର୍ଭଧାରଣ ଜାରି ରଖିବାକୁ କୌଣସି ଅଦାଲତ ବାଧ୍ୟ କରିପାରିବେ ନାହିଁ । ଆଜି ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ବି.ଭି. ନାଗରତ୍ନା ଓ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ  ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଜଣେ ୧୫ ବର୍ଷ ବୟସ୍କା ନାବାଳିକାକୁ ୭ ମାସର ଗର୍ଭ ନଷ୍ଟ କରିବାକୁ ଅନୁମତି ପ୍ରଦାନ କରି ଖଣ୍ଡପୀଠ ମହିଳାଙ୍କର ଗର୍ଭଧାରଣ କରିବା ଜନିତ ସ୍ୱାଧୀନତାକୁ ସର୍ବାଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଖଣ୍ଡପୀଠ କହିଛନ୍ତି, ନିଜ ଶରୀର ସଂପର୍କରେ ନିଷ୍ପତ୍ତି ନେବାର ଅଧିକାର ବିଶେଷକରି ଗର୍ଭଧାରଣ  ସମ୍ପର୍କିତ ନିଷ୍ପତ୍ତି ସମ୍ବିଧାନର ୨୧ ଧାରା ଅନୁଯାୟୀ  ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ଗୋପୀନୟ ।

ସୁପ୍ରିମକୋର୍ଟ କହିଛନ୍ତି, ଅବାଞ୍ଛିତ ଗର୍ଭଧାରଣ କ୍ଷେତ୍ରରେ ସଂପୃକ୍ତ ମହିଳାଙ୍କ ମାନସିକ ଅବସ୍ଥାକୁ ବିଚାରକୁ ନେଇ ଜନ୍ମ ହୋଇଥିବା ଶିଶୁକୁ ପୋଷ୍ୟ ଗ୍ରହଣ କରିବା ସଂକ୍ରାନ୍ତ ପ୍ରସ୍ତାବ ଗ୍ରହଣୀୟ ନୁହେଁ ।

---

# ନ୍ୟାସନାଲ୍-ପଞ୍ଚାୟତରାଜ ଡେ

ସାରା ଦେଶର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ଏବଂ ଆଇନଗତ ସ୍ୱୀକୃତି ପ୍ରଦାନ କରିଥିବା ଐତିହାସିକ ୭୩ତମ ସାମ୍ବିଧାନିକ ସଂଶୋଧନ ଆଇନ ପ୍ରଣୟନକୁ ସ୍ମରଣ ପୂର୍ବକ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । ଦେଶର ଅଢ଼େଇଲକ୍ଷରୁ ଅଧିକ ପଞ୍ଚାୟତରେ ୨୪ ଲକ୍ଷରୁ ଅଧିକ ନିର୍ବାଚିତ ପ୍ରତିନିଧିମାନେ ସ୍ୱାୟତ୍ତ ଶାସନ ମାଧ୍ୟମରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଋଦ୍ଧିମନ୍ତ କରୁଛନ୍ତି । ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଗୁଡ଼ିଏ ଡିଜିଟାଲ ପଦକ୍ଷେପ, ଇ-ଗ୍ରାମସ୍ୱରାଜ, ମେରି ପଞ୍ଚାୟତ, ପଞ୍ଚାୟତ ନିର୍ଣ୍ଣୟ, ସ୍ୱାମିତ୍ୱ, ଗ୍ରାମ ଉର୍ଜା ସ୍ୱରାଜ ଲାଗୁ କରାଯାଇଛି ।ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ ସ୍ୱଚ୍ଛ, ସକ୍ରିୟ ଓ ପାରଦର୍ଶୀ ହୋଇପାରିଛି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଦେଶବାସୀଙ୍କୁ ବିଶେଷକରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ନିର୍ବାଚିତ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଗ୍ରାମାଞ୍ଚଳରେ ନିଷ୍ପତ୍ତି ନେବା କ୍ଷେତ୍ରରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳସ୍ତରରେ ଗଣତାନ୍ତ୍ରିକ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟ କରୁଛି ବୋଲି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ

ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ଗଣତାନ୍ତ୍ରିକ ପରମ୍ପରାର ଅତ୍ୟନ୍ତ ପୁରାତନ ଓ ଦୃଢ଼ ସ୍ତମ୍ଭ ଭାବେ ରହିଆସିଛି । ଗ୍ରାମାଞ୍ଚଳ ବିକାଶ, ସାମାଜିକ ନ୍ୟାୟ, ପ୍ରାକୃତିକ ବିପଯ୍ୟୟ ପରିଚାଳନା ଓ ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ଦିଗରେ ପଞ୍ଚାୟତର  ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।  କାର୍ଯ୍ୟକ୍ରମରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା  ସାରା ଦେଶର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରସାରିତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଜାତୀୟ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲଙ୍କ ସହିତ ସଚିବ ଏବଂ ମନ୍ତ୍ରଣାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ମନ୍ତ୍ରଣାଳୟ କହିଛି ଯେ ଏହି ଅବସରରେ, ପଞ୍ଚାୟତ ଉନ୍ନତି ସୂଚକାଙ୍କ ଉପରେ ଏକ ରିପୋର୍ଟ ଏବଂ ମେରୀ ପଞ୍ଚାୟତ ମେରୀ ଧରୋହର ଉପରେ ତିନୋଟି ପୁସ୍ତକ ଉନ୍ମୋଚନ ହେବ।

# ଏନ୍‌ଏଚ୍‌ଆରସି-ଓଡ଼ିଶା

ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶାର ଗଜପତି ଜିଲ୍ଲାରେ ବିଦ୍ୟାଳୟରେ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟ ଶାସନ ସଚିବ ଏବଂ ଗଜପତି ଜିଲ୍ଲା ପୋଲିସ୍ ଅଧିକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି । ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦକୁ ନିଜ ଆଡୁ ଗ୍ରହଣ କରି ଆୟୋଗ ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଚଳିତମାସ ୧୫ ତାରିଖରେ ଗଜପତି

ଜିଲ୍ଲାର ଏକ ସରକାରୀ ପ୍ରଥମିକ ବିଦ୍ୟାଳୟର ଲୁହା ତିଆରି ପ୍ରବେଶଦ୍ୱାର ପଡ଼ିଯିବାରୁ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା ।

## ଗଭ୍-ଏସ୍‌ସି

କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକବର୍ଷରେ ୭୫ ଲକ୍ଷରୁ ଅଧିକ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୭ ହଜାର ୯୮୧ କୋଟିରୁ ଅଧିକ ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର କହିଛନ୍ତି, ସମାଜର ସବୁବର୍ଗର ବ୍ୟକ୍ତିବିଶେଷଙ୍କ ସମାବେଶୀ ବିକାଶ ଏବଂ ସାମାଜିକ ନ୍ୟାୟ ପ୍ରତି ସରକାର ପ୍ରତିବଦ୍ଧ ଅଛନ୍ତି । ସେ କହିଛନ୍ତି ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଅନେକ ଗୁଡ଼ିଏ ଯୋଜନା ମାଧ୍ୟମରେ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ଶିକ୍ଷା ସକ୍ତିକରଣ ଲାଗି ସହାୟତା ଯୋଗାଇ ଦେଉଛନ୍ତି ।

## ଏନ୍‌ଏଚ୍‌ଆରସି-ଓଡ଼ିଶା

ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶାର ଗଜପତି ଜିଲ୍ଲାରେ ବିଦ୍ୟାଳୟରେ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟ ଶାସନ ସଚିବ ଏବଂ ଗଜପତି ଜିଲ୍ଲା ପୋଲିସ୍ ଅଧିକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି । ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦକୁ ନିଜ ଆଡୁ ଗ୍ରହଣ କରି ଆୟୋଗ ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଚଳିତମାସ ୧୫ ତାରିଖରେ ଗଜପତି ଜିଲ୍ଲାର ଏକ ସରକାରୀ ପ୍ରଥମିକ ବିଦ୍ୟାଳୟର ଲୁହା ତିଆରି ପ୍ରବେଶଦ୍ୱାର ପଡ଼ିଯିବାରୁ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା ।

# ହିଟ୍ ୱେଭ୍

ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି । ଅନେକ ଜିଲ୍ଲାରେ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରେକର୍ଡ କରାଯାଇଛି । ଝାରସୁଗୁଡ଼ାରେ ଦେଶର ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ତାଳଚେର ଓ ବୌଦ୍ଧରେ ମଧ୍ଯ ଅସହ୍ୟ ତାତି ଅନୁଭୂତ ହେଉଛି । ଗତକାଲି ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା । ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରେ ଗ୍ରୀଷ୍ମ ଲହରୀ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ରାଜ୍ୟରେ ଆସନ୍ତା ସୋମବାରଠାରୁ ସମସ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଜନଗଣନା କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି । ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି ।

---

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି ସନ୍ଧ୍ୟା ୭.୩୦ ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ୧୦୩ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ଟେବୁଲ୍ ତାଲିକାରେ ପଞ୍ଜାବ କିଙ୍ଗସ ୬ଟି ମ୍ୟାଚ୍‌ରୁ ୧୧ ପଏଣ୍ଟ

ସହ ଶୀର୍ଷରେ ରହିଥିବା ବେଳେ ରାଜସ୍ଥାନ ରୟାଲ୍‌ସ ୭ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

## ବ୍ୟାଡ୍‌ମିଣ୍ଟନ

ଡେନମାର୍କର ହର୍ସେନସରେ ଆଜିଠାରୁ ଆରମ୍ଭ ହେଉଥିବା ବି.ଡବ୍ଲ୍ୟୁ.ଏଫ୍. ଥୋମାସ ଏବଂ ଉବର କପ୍ ବ୍ୟାଡ୍‌ମିଣ୍ଟନ୍ ଫାଇନାଲରେ ଭାରତୀୟ ପୁରୁଷ ଦଳ ଟାଇଟଲ ହାସଲ କରିବା ଲାଗି ପ୍ରଚେଷ୍ଟା ଜାରି ରଖିବ । ଭାରତ ଆଜି କାନାଡା ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବା ପରେ ସୋମବାର ଅଷ୍ଟ୍ରେଲିଆ ଏବଂ ବୁଧବାର ଚୀନ୍ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତ ଚାରି ବର୍ଷ ତଳେ ଥୋମାସ କପ୍ ଜିତିଥିଲା ।

ଉବର କପରେ, ଡବଲ୍ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଆଜି ଡେନମାର୍କ, ଆସନ୍ତାକାଲି ୟୁକ୍ରେନ ଏବଂ ସୋମବାର ଚୀନ୍ ସହିତ ମୁକାବିଲା କରିବ । ଦଳରେ ତନଭି ଶର୍ମା, ଦେବିକା ସିହାଗ, ଉନ୍ନତି ହୁଡା ଏବଂ ଇଶାରାନୀ ବରୁଆ ସାମିଲ ହୋଇଛନ୍ତି ।

---